# ସତ୍‌ସଙ୍ଗ: ଜାନକୀ ବଲ୍ଲଭଙ୍କ ସହ

## ଆମ ଘରର ହାଲଚାଲ

ସୌମ୍ୟରଂଜନ ପଟ୍ଟନାୟକ

ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ଅବସରରେ ସମ୍ବାଦର ଏକ ବିଶେଷ ସଂଖ୍ୟା ପ୍ରକାଶ ପାଉଥିବାରୁ ମୁଁ ଅତ୍ୟନ୍ତ ଆନନ୍ଦିତ। ମୁଁ ତ ପରିବାରର ଲୋକ। ସମଗ୍ର ସମ୍ବାଦ ପରିବାର କିନ୍ତୁ ଜାନକୀବାବୁଙ୍କ ପ୍ରତି ବିଶେଷ କୃତଜ୍ଞ ରହିବାର ଯଥେଷ୍ଟ କାରଣ ରହିଛି। ସମ୍ବାଦ ପ୍ରକାଶନ ପଛରେ ଜାନକୀବାବୁଙ୍କର ସଦିଚ୍ଛା ଓ ଆଗ୍ରହର ତୁଳନା ନାହିଁ। ବିଲାତରୁ ଫେରି ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟର ଅଧ୍ୟାପକ ଚାକିରି ଛାଡ଼ି ମୁଁ ଯେତେବେଳେ ଖବରକାଗଜଟିଏ ପ୍ରକାଶ କରିବାକୁ ଯୋଜନା କରୁଥିଲି, ସେତେବେଳେ ଆମ ପରିବାରର କେହି ଏହାକୁ ସମର୍ଥନ କରୁନଥିଲେ। ସେମାନଙ୍କର ଯୁକ୍ତି ଥିଲା ରାଧାନାଥ ରଥ ଓ ହରେକୃଷ୍ଣ ମହତାବଙ୍କ ପରି ଅନୁଭବୀ ବ୍ୟକ୍ତିମାନେ ଏତେଦିନ ପରେ ବି ସମାଜ ଓ ପ୍ରଜାତନ୍ତ୍ରକୁ ଠିକ୍ ଭାବରେ ଚଳାଇ ପାରୁ ନାହାନ୍ତି, ମୁଁ ଏପରି କ'ଣ କରିବି ଯେ ମୋ ଖବରକାଗଜ ଚାଲିବ। ତେଣୁ ସେମାନେ ଅନ୍ୟ କିଛି କରିବା ପାଇଁ ପରାମର୍ଶ ଦେଉଥିଲେ। କେବଳ ଜାନକୀବାବୁଙ୍କର ଆଗ୍ରହ ଓ ଆଶୀର୍ବାଦ ସେତେବେଳେ ଖବରକାଗଜଟିଏ ପ୍ରକାଶ କରିବା ପାଇଁ ମୋତେ ସାହସ ଦେଇଥିଲା। ଆଜି ୩୨ ବର୍ଷ ପରେ ତାଙ୍କର ଅବର୍ତ୍ତମାନରେ ପ୍ରଥମ ଶ୍ରାଦ୍ଧବାର୍ଷିକୀ ଅବସରରେ ସମ୍ବାଦ ଶ୍ରଦ୍ଧା ନିବେଦନ କରିବାରେ କାର୍ପଣ୍ୟ କରିବ କାହିଁକି? ଏହା ଅବଶ୍ୟ ଭିନ୍ନ କଥା ଯେ ଜାନକୀବାବୁଙ୍କ ସହ ପାରିବାରିକ ସମ୍ପର୍କ ନେଇ ସମ୍ବାଦକୁ ବହୁ ମୂଲ୍ୟ ଦେବାକୁ ପଡ଼ିଛି। ତେବେ ମୋ ବିଚାରରେ ସେ ସମସ୍ତ ଅସୁବିଧା ଈଶ୍ୱରଙ୍କ ଇଚ୍ଛା ଓ ବରଦାନ ସଦୃଶ ହୋଇଛି। ତା ନ ହୋଇଥିଲେ ଆମେ କିଛି ଶିଖି ନଥାନ୍ତୁ କି ନୂଆ ନୂଆ କୌଶଳ କଥା ଭାବି ବି ପାରି ନଥାନ୍ତୁ। ବିଳମ୍ବରେ ହେଲେ ବି ଆମ ସଫଳତା ପାଇଁ ଜାନକୀବାବୁଙ୍କୁ ଆଜି କୋଟି କୋଟି ନମସ୍କାର କରୁଛି ଓ ଶ୍ରଦ୍ଧାଞ୍ଜଳି ଜଣାଉଛି।

ଶ୍ରଦ୍ଧାଞ୍ଜଳି ବା ଶ୍ରାଦ୍ଧ ଉତ୍ସବ ମୋ ବିଚାରରେ ସତ୍‌ସଙ୍ଗ ପରି। ସତ୍‌ସଙ୍ଗରେ କେଇଘଣ୍ଟାର ସୀମିତ ସମୟ ମଧ୍ୟରେ ଗୁରୁଭାଇମାନେ ଭଜନ କୀର୍ତ୍ତନ ଓ ଭୋଜନ କରିଥାନ୍ତି। ଠାକୁରଙ୍କ ଗୁଣ କୀର୍ତ୍ତନ କରାଯାଇ ସୁସ୍ଥ ନିରାମୟ ଜୀବନ ବିତାଇବା ପାଇଁ ପରାମର୍ଶ ଦିଆଯାଇଥାଏ। ଜାନକୀବାବୁଙ୍କ ସହ ସତ୍‌ସଙ୍ଗରେ ତାଙ୍କର କେବଳ ଗୁଣକୀର୍ତ୍ତନ କଲେ ଯଥେଷ୍ଟ ହେବ ନାହିଁ। ତାଙ୍କ ଜୀବନଯାତ୍ରାରୁ ଆମମାନଙ୍କର ଅନେକ କିଛି ଶିଖିବାର ଅଛି।

ଜାନକୀ ବଲ୍ଲଭ ଥିଲେ ଓଡ଼ିଶାର ଅନ୍ୟ ଏକ ସଫଳ କାହାଣୀର ନାୟକ। ଦୀର୍ଘ ୯୨ ବର୍ଷର ଥିଲା ତାଙ୍କର ଘଟଣାବହୁଳ ଜୀବନ। ଦୀର୍ଘାୟୁ ଓ ନିରୋଗ ରହିବା ପାଇଁ ସମସ୍ତେ ଚାହାନ୍ତି। ତେବେ ସମସ୍ତଙ୍କ ଭାଗ୍ୟରେ ସେ କଥା ଜୁଟେ ନାହିଁ। କିନ୍ତୁ ଜାନକୀବାବୁ ଜୀବନର ଶେଷ ନିଃଶ୍ୱାସ ପର୍ଯ୍ୟନ୍ତ ସୁସ୍ଥ ସବଳ ଥିଲେ। ମୋ ଜାଣିବାରେ ତାଙ୍କର ଦୀର୍ଘ ଜୀବନକାଳ ମଧ୍ୟରେ ସେ ମାତ୍ର ଦୁଇଥର ଡାକ୍ତରଖାନାରେ ଭର୍ତ୍ତି ହୋଇଥିଲେ। ତାଙ୍କର ଗୋଡ଼ ଭାଙ୍ଗିବା ସମୟରେ ଓ ଆଉଥରେ ସାଧାରଣ ପରୀକ୍ଷା ପାଇଁ। ଜଣେ କେତେ ଶୃଙ୍ଖଳିତ ହେଲେ ଏପରି ସୁସ୍ଥ ରହିପାରିବ ତାହା ତାଙ୍କଠାରୁ ଶିଖିବା କଥା। ପ୍ରାଥମିକ ଶିକ୍ଷକର ଏକ ସାଧାରଣ ପରିବାରରେ ଜନ୍ମଗ୍ରହଣ କରି ସେ ସବୁକ୍ଷେତ୍ରରେ ଅସାଧାରଣ ସଫଳତା ହାସଲ କରିଥିଲେ। ସେ ଜଣେ ଭଲ ଛାତ୍ର ଥିଲେ। ଉଚ୍ଚବିଦ୍ୟାଳୟ, ମହାବିଦ୍ୟାଳୟ ଏବଂ ବିଶ୍ୱବିଦ୍ୟାଳୟ ସବୁ ସ୍ତରରେ ସେ ଉଲ୍ଲେଖନୀୟ ସଫଳତା ହାସଲ କରିଥିଲେ। ଛାତ୍ରାବସ୍ଥାରୁ ସଂସ୍କୃତ ସାହିତ୍ୟରେ ରୁଚି ତାଙ୍କୁ ଅନ୍ୟମାନଙ୍କଠାରୁ ଭିନ୍ନ କରି ଗଢ଼ି ତୋଳିଥିଲା। ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟରୁ ଫେରି ସେ ଅନ୍ୟମାନଙ୍କ ପରି ଚାକିରି ପଛରେ ନ ଗୋଡ଼ାଇ ସାମ୍ବାଦିକତା ପରି ଅପେକ୍ଷାକୃତ ସ୍ୱାଧୀନ ବୃତ୍ତିରେ ନିଜକୁ ନିୟୋଜିତ କରିଥିଲେ। ଏଥିରେ ମଧ୍ୟ ତାଙ୍କୁ ଅସାଧାରଣ ସଫଳତା ମିଳିଥିଲା। ଅତି କମ୍ ବୟସରେ ଉଭୟ ଇଂରାଜୀ ଓ ଓଡ଼ିଆ ଦୁଇ ଦୁଇଟି ଖବରକାଗଜର ସଂପାଦକ ହୋଇ ପାରିଥିଲେ। ପରେ ପରେ ରାଜନୀତି। ରାଜନୀତିର ଉତ୍‌ଥାନ ପତନ ମଧ୍ୟରେ ତାଙ୍କର ସଫଳ କାହାଣୀ ଯେ କୌଣସି ଲୋକକୁ ଈର୍ଷାରେ ଭରିଦେବ। ସାମ୍ବାଦିକତା, ସାହିତ୍ୟ ଓ ରାଜନୀତିର ଅପୂର୍ବ ସମନ୍ୱୟ ତାଙ୍କ ଜୀବନରେ ଘଟିଥିଲା। ବହୁତ କମ୍ ଲୋକଙ୍କ କ୍ଷେତ୍ରରେ ଏଭଳି ତ୍ରିବେଣୀ ସଂଗମ ସମ୍ଭବ ହୋଇଥାଏ। ଓଡ଼ିଆ ଭାଷା ଓ ଗଦ୍ୟ ସାହିତ୍ୟ ମୋ ବିଚାରରେ ତାଙ୍କ ନିକଟରେ ଋଣୀ ହୋଇ ରହିବ। ଆଜି ଆମେ ଯେଉଁମାନେ ଓଡ଼ିଆ ଭାଷା ପାଇଁ କାନ୍ଦୁଛେ, ନୂଆ ପିଢ଼ି ପାଖରେ ଆମ ଭାଷାକୁ ପହଞ୍ଚାଇବା ପାଇଁ ଚେଷ୍ଟା କରୁଛେ, ତାଙ୍କଠାରୁ ବହୁତ କିଛି ଶିଖିବାର ଅଛି। ଆଜି ଓଡ଼ିଶା ଶାସନ ଓଡ଼ିଆରେ ହେଉ ବୋଲି ଦାବି କରୁଥିବା କଳାପତାକା ପଟୁଆରକୁ ଦେଖିଲେ ଜାନକୀବାବୁଙ୍କ କଥା ସ୍ୱତଃ ମନେପଡ଼େ। ସେ ଓଡ଼ିଆ ସଂସ୍କୃତିର ଜଣେ ଅନନ୍ୟ ପ୍ରଚାରକ ଥିଲେ। ଜଗନ୍ନାଥଙ୍କର ଏଭଳି ଜଣେ ଭକ୍ତ ବହୁତ କମ୍ ଦେଖିବାକୁ ମିଳିବ। ଜଗନ୍ନାଥ ସଂସ୍କୃତିର ପ୍ରଚାର ଓ ପ୍ରସାର ପାଇଁ ସେ ଅହରହ ଚିନ୍ତା କରୁଥିଲେ। ଆସାମର ଡିବ୍ରୁଗଡ଼ଠାରେ ପ୍ରତିଷ୍ଠିତ ଜଗନ୍ନାଥ ମନ୍ଦିର ଏହାର ମୂକସାକ୍ଷୀ। ସର୍ବୋପରି ଓଡ଼ିଶାକୁ ଭଲ ପାଉଥିବା ଲୋକଙ୍କର ନମୁନା ଯଦି ଖୋଜାଯାଏ, ଜାନକୀ ବଲ୍ଲଭ ପଟ୍ଟନାୟକ ନିଃସନ୍ଦେହରେ ହାତଗଣତି କେତେଜଣଙ୍କ ଭିତରେ ରହିବେ। ଓଡ଼ିଶାର ମୌଳିକ ସମସ୍ୟା ବନ୍ୟା, ବାତ୍ୟା ଓ ମରୁଡ଼ି ଏଥିରୁ ଓଡ଼ିଶାକୁ କିପରି ମୁକ୍ତି ମିଳିବ ସେଥିପାଇଁ ସେ ସଦା ଚିନ୍ତିତ ଥିଲେ। ଦ୍ୱିତୀୟ ହୀରାକୁଦ ବନ୍ଧ ନହେଲା ନାହିଁ, ବୁଢ଼ି ଅଞ୍ଚଳର କୁପ୍ରଭାବକୁ ଏଡ଼େଇ ଯାଇ କ'ଣ କଲେ ଆମେ ଛୋଟ ଛୋଟ ପ୍ରକଳ୍ପ ମାଧ୍ୟମରେ ଓଡ଼ିଶାକୁ ବନ୍ୟା ଓ ମରୁଡ଼ିର ପ୍ରକୋପରୁ ରକ୍ଷା କରିପାରିବା ଏ ସମ୍ପର୍କରେ ସେ ସବୁବେଳେ ଚିନ୍ତା କରୁଥିଲେ।

ତାଙ୍କର ସବୁଗୁଣ ମଧ୍ୟରୁ କେତୋଟି କଥା ଉତ୍ତର ପିଢ଼ି ବିଶେଷ ଭାବରେ ଲକ୍ଷ୍ୟ କରିବାର କଥା। ତିନିଟି ଜିନିଷ ଉପରେ ତାଙ୍କର ଅସମ୍ଭବ ନିୟନ୍ତ୍ରଣ ଥିଲା। ପ୍ରଥମ ତାଙ୍କର ଜିଭ ଉପରେ। ସେ କ'ଣ କହିବେ ବା ନ କହିବେ ତାହା ସେ ଖୁବ୍ ଭଲ ଭାବରେ ଚିନ୍ତା କରିପାରୁଥିଲେ। ଦ୍ୱିତୀୟ, କ୍ରୋଧ ଉପରେ। ତାଙ୍କୁ କେହି କେବେ ରାଗିବା ଦେଖିନାହିଁ। ଶେଷରେ ଲୋଭ ଉପରେ। ବ୍ୟକ୍ତିଗତ ଭାବରେ ତାଙ୍କୁ ନିକଟରୁ ଯେତିକି ମୁଁ ଜାଣିଛି, ତାଙ୍କର କୌଣସି ଜିନିଷ ପ୍ରତି ସାମାନ୍ୟ ଆସକ୍ତି କିମ୍ବା ଲୋଭ ନଥିଲା। ତାଙ୍କର ଜୀବନଚର୍ଯ୍ୟା ଅବିଶ୍ୱସନୀୟ ଭାବରେ ସରଳ ଓ ନିରାଡ଼ମ୍ବର ଥିଲା। ଆଜିକାଲିର ରାଜନୈତିକ ନେତାମାନଙ୍କ ପରି ମାତ୍ରାଧିକ ଅର୍ଥ ଉପାର୍ଜନ ଓ ସମ୍ପତ୍ତି ଲୋଭ ତାଙ୍କୁ ଗ୍ରାସ କରି ନଥିଲା। ରାଜନୀତିରେ ଉଭୟ ସଫଳତା ଓ ବିଫଳତାକୁ ସେ ସମାନ ଭାବରେ ଗ୍ରହଣ କରୁଥିଲେ। କେନ୍ଦ୍ରମନ୍ତ୍ରୀ, ତିନି ତିନିଥର ଓଡ଼ିଶାର ମୁଖ୍ୟମନ୍ତ୍ରୀ, ବିରୋଧୀ ଦଳର ନେତା, ଆସାମର ରାଜ୍ୟପାଳ ଏବଂ ତିରୁପତି ସଂସ୍କୃତ ବିଶ୍ୱବିଦ୍ୟାଳୟର କୁଳାଧିପତି ପରି ପଦପଦବି ତାଙ୍କୁ ଉନ୍ମାଦିତ କରିନଥିଲା କିମ୍ବା ରାଜନୀତିରେ ଶୋଚନୀୟ ପରାଜୟରେ ସେ କେବେବି ଭାଙ୍ଗି ପଡ଼ି ନଥିଲେ। ୯୨ ବର୍ଷର ଦୀର୍ଘ ଜୀବନଯାତ୍ରାରେ ସେ କେବେ ବି ଅଲୋଡ଼ା ବା ଅପ୍ରାସଙ୍ଗିକ ହୋଇନାହାନ୍ତି। ଏଭଳି ଜଣେ ବ୍ୟକ୍ତିଙ୍କୁ ହରାଇ ଓଡ଼ିଶା ନିଶ୍ଚିତ ଭାବରେ ଆଜି ଅଭାବୀ ହୋଇଯାଇଛି। ଏ ଅଭାବକୁ ଦୂର କରିବା ପାଇଁ ବହୁ ବର୍ଷ ଲାଗିବ। ଏକଥା ନିଃସନ୍ଦେହରେ ଯେ କେହି ସ୍ୱୀକାର କରିବେ।